# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**07 April - 2024**

**News Editor : *Tapan Kumar Maharana***

********************************

## ମୁଖ୍ୟ ସମ୍ବାଦ

- ଯୁବ ମତଦାତାଙ୍କୁ ଉତ୍ସାହିତ କରିବା ଲାଗି ଭାରତୀୟ ନିର୍ବାଚନ କମିଶନ ଆୟୋଜନ କରୁଛି 'ଆପଣ ହିଁ ଏକ' କାର୍ଯ୍ୟକ୍ରମ
- ରାଜ୍ୟପାଳ ରଘୁବର ଦାସ ଆସନ୍ତାକାଲି ସମ୍ବଲପୁର ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେବେ
- ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଆସନ୍ତାକାଲିଠାରୁ ଜିଲ୍ଲା ଏବଂ ନିମ୍ନଅଦାଲତଗୁଡ଼ିକ ସକାଳୁ କାର୍ଯ୍ୟକରିବ
- ଚଳିତ ବର୍ଷର ପ୍ରଥମ ସୂର୍ଯ୍ୟପରାଗ ଆସନ୍ତାକାଲି ହେବ ଦୃଶ୍ୟମାନ

ଏବଂ

- 'ମୋ ସ୍ୱାସ୍ଥ୍ୟ ମୋ ଅଧିକାର' ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ବିଶ୍ୱ ସ୍ୱାସ୍ଥ୍ୟ ଦିବସ

## ନିର୍ବାଚନ-ଯୁବ ଭୋଟର

ଆଗାମୀ ସାଧାରଣ ନିର୍ବାଚନରେ ଅଧିକରୁ ଅଧିକ ଯୁବ ଭୋଟରଙ୍କୁ ମତଦାନ କରିବା ଲାଗି ଭାରତୀୟ ନିର୍ବାଚନ କମିଶନଙ୍କ ପକ୍ଷରୁ ଅନେକ କାର୍ଯ୍ୟକ୍ରମ ମାନ ଆୟୋଜନ କରାଯାଉଛି । ମିଳିଥିବା ସୂଚନା ଅନୁସାରେ, ଟର୍ଣ୍ଣିଂ ଏଇଟିନ୍ ଏବଂ ଆପଣ ହିଁ ଏକ କାର୍ଯ୍ୟକ୍ରମ ଜରିଆରେ କମିଶନ ଯୁବ ଭୋଟରମାନଙ୍କୁ ଆକୃଷ୍ଟ କରୁଛି । ସାମାଜିକ ଗଣମାଧ୍ୟମ, ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ, ୟୁଟ୍ୟୁବ୍ ଜରିଆରେ ବିଭିନ୍ନ ସଚେତନତା ମୂଳକ କାର୍ଯ୍ୟକ୍ରମ ପ୍ରଦର୍ଶିତ କରାଯାଉଛି ।

## ଆଦର୍ଶ ଆଚରଣ ବିଧି-କେନ୍ଦ୍ରାପଡା

କେନ୍ଦ୍ରାପଡ଼ା ଜିଲ୍ଲାରେ ନିର୍ବାଚନ ଆଦର୍ଶ ଆଚରଣ ବିଧି ଉଲ୍ଲଙ୍ଘନ ଉପରେ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ତୀକ୍ଷ୍ଣ ନଜର ରଖିଥିବା ଜଣାପଡିଛି । ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ନିର୍ଦ୍ଦେଶକ୍ରମେ ସେଠାରେ ଅହୋରାତ୍ର ଏକ କଣ୍ଟ୍ରୋଲ୍ ରୁମ୍ ଖୋଲାଯାଇଛି । ସେହିଭଳି ନିର୍ବାଚନ ଆୟୋଗଙ୍କ ଦ୍ୱାରା ପ୍ରସ୍ତୁତ ସି-ଭିଜିଲ୍ ସିଟିଜେନ୍ ଆପ୍ ମାଧ୍ୟମରେ ଆସୁଥିବା ଅଭିଯୋଗଗୁଡ଼ିକ ଉପରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି । ଜିଲ୍ଲାର ପ୍ରତ୍ୟେକ ବିଧାନସଭା ମଣ୍ଡଳୀରେ ୩ଟି ଲେଖାଏଁ ମୋଟ ୧୫ଟି ଫ୍ଲାଇଙ୍ଗ୍ ସ୍କ୍ୱାଡ୍‌କୁ ଆଲର୍ଟ ରଖାଯାଇଛି । ଏପର୍ଯ୍ୟନ୍ତ ମିଳିଥିବା ୫୫ଟି ଅଭିଯୋଗ ମଧ୍ୟରୁ ୫ଟିର ସଠିକତା ନଥିବା ବେଳେ ୪୫ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଛି ବୋଲି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି ।

## ନିର୍ବାଚନ-କେନ୍ଦୁଝର

ଆଗାମୀ ୨୫ ତାରିଖରେ କେନ୍ଦୁଝର ଲୋକସଭା ଏବଂ ବିଧାନସଭା ମଣ୍ଡଳୀ ଲାଗି ମତଦାନ ଅନୁଷ୍ଠିତ ହେବ। ମତଦାନ ଲାଗି ଅଧିକରୁ ଅଧିକ ଭୋଟରଙ୍କୁ ମତଦାନ ଲାଗି ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ବିଶାଲ ସିଂଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ଆଜି ଏକ ସଚେତନତା ପଦଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ସହରର ବିଭିନ୍ନ ମାର୍ଗ ଦେଇ ହ୍ୟାଣ୍ଡବଲ୍ ପଡିଆରେ ପହଞ୍ଚିଥିଲା। ଏହି ପଦଯାତ୍ରାକୁ ଭାରତ ନିର୍ବାଚନ ଆୟୋଗଙ୍କ ବରିଷ୍ଠ ଉପଦେଷ୍ଟା ଡକ୍ଟର ସାଧନା ରାଉତ ଏବଂ ଜିଲ୍ଲାପାଳ ଶ୍ରୀ ସିଂ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏଥିରେ ବିଭିନ୍ନ ବର୍ଗର ଲୋକ ସାମିଲ ହୋଇ ଭୋଟ ଦେବାପାଇଁ ସଚେତନତା ବାର୍ତ୍ତା ପ୍ରଚାର କରିଥିଲେ।

## ସମାବର୍ତ୍ତନ ଉତ୍ସବ

ସମ୍ବଲପୁର ବିଶ୍ୱବିଦ୍ୟାଳୟ ଆସନ୍ତାକାଲି ୩୩ତମ ସମାବର୍ତ୍ତନ ଉତ୍ସବ ପାଳନ କରିବ। ଏହି ଅବସରରେ କୃତି ଛାତ୍ରଛାତ୍ରୀମାନଙ୍କୁ ଡିଲିଟ୍, ଡକ୍ଟରେଟ୍ ଡିଗ୍ରୀ ଏବଂ ସ୍ୱର୍ଣ୍ଣପଦକ ପ୍ରଦାନ କରାଯିବ ବୋଲି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କହିଛନ୍ତି। ରାଜ୍ୟପାଳ ତଥା କୁଳାଧିପତି ରଘୁବର ଦାସ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଯୋଗଦେବେ।

## ନିର୍ବାଚନ କମିଶନ-ସୁବିଧା ପୋର୍ଟାଲ

ନିର୍ବାଚନ ପ୍ରକ୍ରିୟାରେ ମତଦାତା ଏବଂ ପ୍ରାର୍ଥୀଙ୍କୁ ସହଯୋଗ କରିବା ପାଇଁ ଭାରତର ନିର୍ବାଚନ କମିଶନଙ୍କ ତରଫରୁ ସୁବିଧା ପୋର୍ଟାଲ ପ୍ରଚଳନ

କରାଯାଇଛି। ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ, ବିଗତ ୨୦ ଦିନ ମଧ୍ୟରେ ସୁବିଧା ପୋର୍ଟାଲରେ ୭୩ ହଜାରରୁ ଅଧିକ ଆବେଦନ କରାଯାଇଛି। ସେଥିମଧ୍ୟରୁ ୪୪ ହଜାର ୬୦୦ରୁ ଅଧିକ ଅନୁରୋଧକୁ କମିଶନ ଅନୁମୋଦନ କରିଛନ୍ତି। ନିର୍ବାଚନ ପ୍ରଚାର ସମୟର ଗୁରୁତ୍ୱ ଅନୁସାରେ ସୁବିଧା ପୋର୍ଟାଲ ପ୍ରାଥମିକତା ଭିତ୍ତିରେ ବିଭିନ୍ନ ପ୍ରକାରର ଅନୁମତି, ଅନୁରୋଧକୁ ପୂରଣ କରାଯାଇଥାଏ।

## ବ୍ୟାଘ୍ର ସଂରକ୍ଷଣ ସଚେତନତା

ବ୍ୟାଘ୍ର ସଂରକ୍ଷଣକୁ ନେଇ ସଚେତନତା କରିବା ପାଇଁ ବୁର୍ଲା ସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ ଏବଂ ଏଭରଗ୍ରୀନ୍ ଫୋରମ୍ ପକ୍ଷରୁ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ବିଭିନ୍ନ ଜଙ୍ଗଲରେ ରହୁଥିବା ବାଘମାନଙ୍କର ସମସ୍ୟା ଏବଂ ସେମାନଙ୍କର ବଂଶ କିପରି ବୃଦ୍ଧି ପାଇବ ସେହି ବିଷୟଗୁଡ଼ିକ ଉପରେ କାର୍ଯ୍ୟକ୍ରମରେ ଉପସ୍ଥିତ ମୁଖ୍ୟଅତିଥି, ସମ୍ବଲପୁର ଆର.ସି.ସି.ଏଫ.ର ଟି.ଅଶୋକ କୁମାର ଏବଂ ଏନ.ଟି.ସି.ଏର ସଦସ୍ୟ ଏବଂ ପୂର୍ବତନ ଭାରତୀୟ ବନସେବା ଅଧିକାରୀ ଡକ୍ଟର ଅନୁପ କୁମାର ନାୟକ ଯୋଗଦେଇ  ଆଲୋଚନା କରିଥିଲେ। ଭି-ସୁଟ୍ କୁଳପତି ପ୍ରଫେସର ବଂଶୀଧର ମାଝୀ ଏଭର ଗ୍ରୀନ୍ ଫୋରମ୍‌ର ପ୍ରତିଷ୍ଠାତା ପ୍ରକାଶ ଚନ୍ଦ୍ର ଜେନା,  ହୀରାକୁଦ ବନ୍ୟପ୍ରାଣୀ ଡିଭିଜନ୍ ଡିଏଫ୍‌ଓ ଅଂଶୁପ୍ରଜ୍ଞା ଦାସ ପ୍ରମୁଖ ଉପସ୍ଥିତ ରହି ବ୍ୟାଘ୍ର ସଂରକ୍ଷଣ ଉପରେ ବ୍ୟାପକ ସଚେତନତା ସୃଷ୍ଟି କରିବା ପାଇଁ ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ।

## ଆଲୋଚନାଚକ୍ର-ମହାନଦୀ

ମହାନଦୀର ସ୍ୱାସ୍ଥ୍ୟ ଏବଂ ବିପଦ ସଂକୁଳ ଗୋଷ୍ଠି ଉପରେ ତା'ର ପ୍ରଭାବ ଶୀର୍ଷକ ଏକ ଆଲୋଚନା ଚକ୍ର ସୁବର୍ଣ୍ଣପୁରଠାରେ  ଅନୁଷ୍ଠିତ ହୋଇଯାଇଛି। ମହାନଦୀର ଜୈବ ବିବିଧତା, ଜଳ ପ୍ରଦୂଷଣ, ନଦୀର ସଭ୍ୟତା ଏବଂ ନଦୀ ଉପରେ ଜୀବନ ଜୀବିକା ନିର୍ଭର କରୁଥିବା ପ୍ରାଣୀ ଏବଂ ମନୁଷ୍ୟ, ଜୈବ ବିବିଧତା, କୃଷି ଅର୍ଥନୀତି, ପ୍ରଦୂଷଣ ଏବଂ ମହାନଦୀର ସୁରକ୍ଷାକୁ ନେଇ ବୁଦ୍ଧିଜୀବୀମାନେ ଗୁରୁତ୍ୱ ଆରୋପ କରିଥିଲେ।

## ସୂର୍ଯ୍ୟୋପରାଗ

ଚଳିତ ବର୍ଷର ପ୍ରଥମ ସୂର୍ଯ୍ୟୋପରାଗ ଆସନ୍ତାକାଲି ଦୃଶ୍ୟମାନ ହେବ । ଏହା ଏକ ପୂର୍ଣ୍ଣଗ୍ରାସ ସୂର୍ଯ୍ୟୋପରାଗ ହୋଇଥିବାରୁ ଜ୍ୟୋତିର୍ବିଜ୍ଞାନୀମାନଙ୍କ ମତରେ ଏହି ସୂର୍ଯ୍ୟୋପରାଗ ଅତ୍ୟନ୍ତ ସୁନ୍ଦର ଏବଂ ବିରଳ ହେବ । ଯୁକ୍ତରାଷ୍ଟ୍ର ଆମେରିକା, କାନାଡ଼ା ଏବଂ ମେକ୍ସିକୋର କେତେକ ଅଞ୍ଚଳରେ ପୂର୍ଣ୍ଣ ସୂର୍ଯ୍ୟୋପରାଗ ଦେଖାଯିବ । ଭାରତୀୟ ସମୟ ଆସନ୍ତାକାଲି ରାତି ୯ଟା ୧୨ ମିନିଟ୍‌ରେ ସୂର୍ଯ୍ୟୋପରାଗ ଆରମ୍ଭ ହୋଇ ମଧ୍ୟରାତ୍ରି ୨ଟା ୨୨ ମିନିଟ୍‌ରେ ଶେଷ ହେବ । ସର୍ବାଧିକ ପରାଗ ରାତି ୧୧ଟା ୪୭ ମିନିଟ୍ ସମୟରେ ଦୃଶ୍ୟମାନ ହେବ ବୋଲି ଜ୍ୟୋତିର୍ବିଜ୍ଞାନୀମାନେ ଅନୁମାନ କରିଛନ୍ତି ।

## ରଥକାଠ

ପୁରୀରେ ଆଗାମୀ ରଥଯାତ୍ରା ପାଇଁ ଶ୍ରୀଜୀଉଙ୍କ ରଥ ନିର୍ମାଣ ନିମନ୍ତେ ବର୍ତ୍ତମାନସୁଦ୍ଧା ୨୫ଟି ଧଉରା ଏବଂ ୧୨ଟି ଫାଶି ଗଛ ଚିହ୍ନଟ ହୋଇଛି।

ଶ୍ରୀମନ୍ଦିରରୁ ଯାଇଥିବା ଏକ ପ୍ରତିନିଧି ମଣ୍ଡଳୀ ଜଙ୍ଗଲ ବିଭାଗ ସହଯୋଗରେ ନୟାଗଡ଼ ଏବଂ ଗଞ୍ଜାମ ଜିଲ୍ଲାର ବିଭିନ୍ନ ଡିଭିଜନର ଜଙ୍ଗଲ ଅଂଚଳରୁ ଏହି ଗଛଗୁଡ଼ିକୁ ଚିହ୍ନଟ କରିଛନ୍ତି ।

ସୂଚନାଯୋଗ୍ୟ, ରଥ ନିର୍ମାଣ ପାଇଁ ୮୬୫ଟି ଅଶନ, ଧଉରା, ଫାଶି, ସିମିଳି ଆଦି କାଠର ଆବଶ୍ୟକତା ରହିଛି ।

## ବିଶ୍ୱ ସ୍ୱାସ୍ଥ୍ୟ ଦିବସ

ବିଶ୍ୱ କଲ୍ୟାଣପାଇଁ ସ୍ୱାସ୍ଥ୍ୟ ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବା ବାର୍ତ୍ତା ନେଇ ଆଜି ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନ କରାଯାଉଛି । ସମ୍ପୂର୍ଣ୍ଣଭାବେ ଶାରୀରିକ, ମାନସିକ ଏବଂ ସାମାଜିକ ସୁସ୍ଥତାକୁ ଉତ୍ତମ ସ୍ୱାସ୍ଥ୍ୟ କୁହାଯାଇଥାଏ । ପ୍ରତ୍ୟେକ ବ୍ୟକ୍ତି, ସଂସ୍ଥା, ସଂଗଠନ ଓ ସରକାରଙ୍କର ମିଳିତ ପ୍ରଚେଷ୍ଟାରେ ପୃଥିବୀର ଲୋକମାନେ କିପରି ନିରୋଗ ଓ ସୁନ୍ଦର ସ୍ୱାସ୍ଥ୍ୟ ଉପଭୋଗ କରିପାରିବେ ସେଥିପାଇଁ ୧୯୫୦ ମସିହାରୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଆଜିର ଦିନକୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଭାବେ ପାଳନ କରାଯାଉଛି । ଚଳିତ ବର୍ଷ ବିଶ୍ୱ ସ୍ୱାସ୍ଥ୍ୟ ଦିବସର ବାର୍ତ୍ତା ରହିଛି "ମୋ ସ୍ୱାସ୍ଥ୍ୟ ମୋ ଅଧିକାର" । ଖାଦ୍ୟ, ବସ୍ତ୍ର, ବାସଗୃହ ଯେପରି ଜଣେ ଲୋକର ସର୍ବନିମ୍ନ ଅଧିକାର ସେହିଭଳି ସ୍ୱାସ୍ଥ୍ୟ ବିଷୟରେ ଜାଣିବା ଏବଂ ଦରକାର ସମୟରେ ଚିକିତ୍ସା ପାଇବା ଜଣେ ବ୍ୟକ୍ତିର ମଧ୍ୟ ଅଧିକାର । ପୃଥିବୀର କୋଟିକୋଟି ଲୋକଙ୍କୁ ସ୍ୱାସ୍ଥ୍ୟସେବା ଭଳି ମୌଳିକ ଅଧିକାର ପାଇବାରେ ସୁଯୋଗ ମିଳିପାରୁନାହିଁ । ପୃଥିବୀର ୧୪୦ଟି ରାଷ୍ଟ୍ର ନିଜ ନିଜର ସମ୍ବିଧାନରେ ସ୍ୱାସ୍ଥ୍ୟକୁ ଏକ ମାନବ ଅଧିକାର ଭାବେ ସ୍ୱିକୃତି

ଦେଇଛନ୍ତି। ଜାତିସଂଘର ଏକ ରିପୋର୍ଟରେ କୁହାଯାଇଛି, ବିଶ୍ୱର କୋଟି କୋଟି ଲୋକ ଉତ୍ତମ ସେବା ଅଧିକାରରୁ ବର୍ତ୍ତମାନ ମଧ୍ୟ ବଞ୍ଚିତ ରହିଛନ୍ତି ।

ଲୋକମାନଙ୍କ ଭିତରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସଚେତନତାର ଅଭାବ ଓ ଉତ୍ତମ ଚିକିତ୍ସା ମିଳିପାରୁ ନ ଥିବାରୁ ବିଶ୍ୱର ପ୍ରତି ୫ ସେକେଣ୍ଡରେ ଜଣେ ବ୍ୟକ୍ତି ମୃତ୍ୟୁବରଣ କରୁଛନ୍ତି । ବାୟୁମଣ୍ଡଳ ପ୍ରଦୂଷଣ, ବିଶୃଙ୍ଖଳିତ ଖାଦ୍ୟପାନୀୟର ଅଭ୍ୟାସ ବର୍ତ୍ତମାନ ସମୟର ସ୍ୱାସ୍ଥ୍ୟ ସମସ୍ୟାର ମୁଖ୍ୟ କାରଣ ହୋଇଛି । ଅନ୍ୟପକ୍ଷରେ ସାମାଜିକ ଏବଂ ଆର୍ଥିକ ସ୍ଥିତିର ଅଭାବ ଯୋଗୁଁ ବହୁତ ରୋଗୀ ଉତ୍ତମ ଚିକିତ୍ସା ପାଇବାରୁ ବଞ୍ଚିତ ହେଉଛନ୍ତି । ସମସ୍ତଙ୍କ ନିକଟରେ ଉତ୍ତମ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ତଥ୍ୟ, ଶିକ୍ଷା, ଉତ୍ତମ ଚିକିତ୍ସା, ଶୁଦ୍ଧ ପାନୀୟ ଜଳ, ନିର୍ମଳ ବାୟୁ, ପରିଷ୍କାର ପରିଚ୍ଛନ୍ନ ପରିବେଶ ଏବଂ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଅଧିକାର ଯୋଗାଇ ଦେବାପାଇଁ ବିଭିନ୍ନ ସ୍ତରରେ ଆଜି ସଚେତନତାମୂଳକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି । ଭିଟାମିନ୍‌ଯୁକ୍ତ ଖାଦ୍ୟ ସହିତ ନିୟମିତ ବ୍ୟାୟାମ, ଯୋଗ, ପ୍ରାଣାୟାମକୁ ନିଜ ନିଜର ଜୀବନଶୈଳୀରେ ସାମିଲ କରି ସନ୍ତୁଳିତ ଖାଦ୍ୟ ଖାଇବା ଦ୍ୱାରା ଶରୀରକୁ ସୁସ୍ଥ ଏବଂ ମଜବୁତ୍ ରଖିବାରେ ସହାୟକ ହୋଇଥାଏ।

ଏହି ଦିବସ ପାଳନ ଅବସରରେ ରାଜ୍ୟର ବିଭିନ୍ନ ପ୍ରାନ୍ତରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଥିବାର ଖବର ଆମର ହସ୍ତଗତ ହୋଇଛି।

**ମାଲକାନଗିରି**ଠାରେ ଜିଲ୍ଲା ରେଡକ୍ରସ୍ ସୋସାଇଟି ଏବଂ ଜିଲ୍ଲା ଯୁବ ରେଡକ୍ରସ୍ ସଂଘର ମିଳିତ ଆନୁକୂଲ୍ୟରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ

ହୋଇଛି। ଏଥିରେ ବିଭିନ୍ନ ବକ୍ତା ଯୋଗଦେଇ ଲୋକଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି ନେଇ ପଦକ୍ଷେପ ନେବାକୁ ଆହ୍ୱାନ ଦେଇଥିଲେ।

## ପାଣିପାଗ

କାଳବୈଶାଖୀର ପ୍ରଭାବରେ ରାଜ୍ୟର କେତେକ ଅଞ୍ଚଳରେ ଆଜି ଅପରାହ୍ଣରେ ଝଡ ତୋଫାନ ଏବଂ ବିଜୁଳି ମାରିବା ଯୋଗୁଁ ଧନଜୀବନ କ୍ଷୟକ୍ଷତିର ସମ୍ବାଦ ହସ୍ତଗତ ହୋଇଛି। ବଜ୍ରପାତ ଯୋଗୁଁ ବାଲେଶ୍ୱର ଜିଲ୍ଲାର ଭୋଗରାଇ ଅଞ୍ଚଳରେ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ଅନ୍ୟ ଏକ ଘଟଣାରେ ପ୍ରାୟ ୧୫ରୁ ଊର୍ଦ୍ଧ୍ୱ ଛେଳିଙ୍କର ବଜ୍ରପାତରେ ମୃତ୍ୟୁ ଘଟିଥିବା ଜଣାପଡିଛି। ଅନ୍ୟପକ୍ଷରେ, କାଳବୈଶାଖୀର ପ୍ରଭାବରେ ଆଜି ତାପମାତ୍ରା ସାମାନ୍ୟ ହ୍ରାସପାଇଛି। ମାଲକାନଗିରି ବ୍ୟତୀତ ରାଜ୍ୟର ସବୁ ସ୍ଥାନର ତାପମାତ୍ରା ୪୦ ଡିଗ୍ରୀରୁ କମ୍ ଥିଲା। ମାଲକାନଗିରିରେ ତାପମାତ୍ରା ୪୧ ଦଶମିକ ୧ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି। ଆସନ୍ତା ମଙ୍ଗଳବାର ପର୍ଯ୍ୟନ୍ତ ଗ୍ରୀଷ୍ମପ୍ରବାହର ମାତ୍ରା କମ୍ ରହିବ ଏବଂ କେତେକ ଅଞ୍ଚଳରେ ସାମାନ୍ୟ ରୁ ମଧ୍ୟମ ଧରଣର ବର୍ଷା ହେବ ବୋଲି ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ସୂଚନା ଦେଇଛି।

## ପାଣିପାଗ-ଜଙ୍ଗଲ ନିଆଁ

ରାଜ୍ୟର ବିଭିନ୍ନ ସ୍ଥାନରେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାବେଳେ ଆଜି ଗରମ ଓ ଗୁଳୁଗୁଳିରୁ ସାମାନ୍ୟ ଆଶ୍ୱସ୍ତି ମିଳୁଥିବା ଦେଖାଦେଇଛି। ଅନୁଗୁଳ, ଢେଙ୍କାନାଳ, ଯାଜପୁର, କେନ୍ଦୁଝର ଓ କଟକ ଜିଲ୍ଲାରେ କାଳବୈଶାଖୀର ସମ୍ଭାବନା ଅଛି ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ

ଅସହ୍ୟ ଗ୍ରୀଷ୍ମପ୍ରବାହ ଯୋଗୁଁ ରାଜ୍ୟର ଜଙ୍ଗଲଗୁଡ଼ିକରେ ଜୀବଜନ୍ତୁଙ୍କ ଜୀବନଶୈଳୀ ପ୍ରଭାବିତ ହୋଇଛି। ଜଙ୍ଗଲଗୁଡ଼ିକରେ ଥିବା ପ୍ରାକୃତିକ ନାଳ ଏବଂ ଜଳାଶୟ ଶୁଖିଯାଉଥିବା ଏବଂ ଜଙ୍ଗଲରେ ନିଆଁ ଲାଗିଯିବା ଯୋଗୁଁ ବନ୍ୟପ୍ରାଣୀମାନେ ପାଣିପାଇଁ ହନ୍ତସନ୍ତ ହେଉଛନ୍ତି। ବନବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଜଙ୍ଗଲଗୁଡ଼ିକରେ ପର୍ଯ୍ୟାପ୍ତ ପାଣି ବ୍ୟବସ୍ଥା ସୁନିଶ୍ଚିତ କରାଇବା ନେଇ ୧୨୦ଟି ନୂଆ ଜଳାଶୟ ଖୋଳଯାଇଛି। ସେହିଭଳି ୨୭୦ଟି ପୁରୁଣା ଜଳାଶୟକୁ ପୁନରୁଦ୍ଧାର କରାଯାଇଛି। **ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆ**ର ତଥ୍ୟ ଅନୁସାରେ ଗତକାଲି ରାତି ୮ଟା ସୁଦ୍ଧା ଦେଶର ୪୯୪ଟି ସ୍ଥାନରେ ବଡ଼ ଧରଣର ଜଙ୍ଗଲ ନିଆଁ ଲାଗିଥିଲା। ଓଡ଼ିଶାର ଜଙ୍ଗଲଗୁଡ଼ିକରେ ୮୦ଟି ସ୍ଥାନରେ ନିଆଁ ଲାଗିଥିଲା ବୋଲି ଏହି ସଂସ୍ଥା ସୂଚନା ଦେଇଛି।

**********************************